# NATIONAL NEWS BULLETIN (ODIA)

**8 December- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବନ୍ଦେ ମାତରମର ମନ୍ତ୍ର ଦେଶବାସୀଙ୍କୁ ଶକ୍ତି ଓ ପ୍ରେରଣା ଯୋଗାଇବା ସହିତ ସ୍ୱାଧୀନତା ଆନ୍ଦୋଳନରେ ଦେଶପ୍ରେମର ଭାବନା ଉଦ୍ରେକ କରିଥିଲା ଲୋକସଭାରେ କହିଛନ୍ତି ପ୍ରଧାନମନ୍ତ୍ରୀ ।

- ଦେଶରେ ଦାରିଦ୍ର୍ୟ ହାର ୨୦୨୨-୨୩ ସୁଦ୍ଧା ୧୭ ପ୍ରତିଶତରୁ ଅଧିକ ହ୍ରାସ ପାଇଥିବା ସୂଚନା ।

- ନୂଆଦିଲ୍ଲୀର ଲାଲକିଲ୍ଲାରେ ଆଜିଠାରୁ ଆରମ୍ଭ ହେବ ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ସଂକ୍ରାନ୍ତ ଆନ୍ତଃ ସରକାରୀ କମିଟି ବୈଠକ ।

ଏବଂ

- ଏଫ୍ଆଇଏଚ୍ ହକି ପୁରୁଷ ବିଶ୍ୱକପ୍‌ରେ ଜର୍ମାନୀ ଭାରତକୁ ପରାସ୍ତ କରିଥିବାବେଳେ ମହିଳା ବର୍ଗରେ ୱେଲ୍ସକୁ ୩-୧ ଗୋଲରେ ପରାସ୍ତ କଲା ଭାରତ ।

# ଏଲ୍‌ଏସ୍‌-ବନ୍ଦେ ମାତରମ

ଲୋକସଭାରେ ଆଜି ଜାତୀୟ ଗୀତ ବନ୍ଦେ ମାତରମର ୧୫୦ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ଏହି ଜାତୀୟ ସଂଗୀତ ୧୮୭୫ ମସିହାରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚନା କରାଯାଇଥିଲା ।

**V/O (Vande Matram Song)**

ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବନ୍ଦେ ମାତରମର ମନ୍ତ୍ର ଦେଶବାସୀଙ୍କୁ ଶକ୍ତି ଏବଂ ପ୍ରେରଣା ଯୋଗାଇବା ସହ ସ୍ୱାଧୀନତା ଆନ୍ଦୋଳନରେ ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ଭାବନା ଉଦ୍ରେକ କରିଥିଲା । ସେ କହିଛନ୍ତି ପବିତ୍ର ବନ୍ଦେ ମାତରମକୁ ଆଜି ମନେପକାଇବା । ଉଭୟ ଲୋକସଭାର ସମସ୍ତ ସଦସ୍ୟ ଏବଂ ଦେଶବାସୀଙ୍କ ପାଇଁ ଏହା ଗୌରବର ବିଷୟ ।

**V/O (PM Vande Matram)**

ସେ କହିଛନ୍ତି ବନ୍ଦେ ମାତରମର ଦେଢ଼ଶହ ବର୍ଷର ପୂର୍ତ୍ତି ଆମକୁ ସେହି ମହାନ ଅଧ୍ୟାୟ ଓ ସୌର୍ଯ୍ୟ ପୁନଃସ୍ଥାପିତ କରିବାର ସୁଯୋଗ ଦେଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ଜାତୀୟ ସଂଗୀତ ବନ୍ଦେ ମାତରମ ଦେଶକୁ ୧୯୪୭ ମସିହାରେ ସ୍ୱାଧୀନତା ପ୍ରଦାନ କରିଥିଲା । ଦେଶବାସୀଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ଭବିଷ୍ୟତର ଦୃଷ୍ଟିକୋଣ ହାସଲ ଲାଗି ଶକ୍ତି ପ୍ରଦାନ କରୁଛି ।

**V/O (PM 1947)**

ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ବନ୍ଦେ ମାତରମର ୧୦୦ ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାବେଳେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଜାରି ହୋଇଥିଲା । ସେ କହିଛନ୍ତି ଯେଉଁ ସମୟରେ ଜାତୀୟ ସଂଗୀତକୁ ନେଇ ଆନନ୍ଦ ଉଲ୍ଲାସର ସହ ପାଳନ କରିବାର ପରିସ୍ଥିତି ଥିଲା ସେତେବେଳେ ଦେଶର ସମ୍ବିଧାନକୁ ନିରସ୍ତ୍ର କରାଯାଇ ଦେଶପାଇଁ ବଳିଦାନ ଦେଇଥିବା ଏବଂ ଦେଶପାଇଁ ଚିନ୍ତା କରୁଥିବା ଲୋକମାନଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା ।

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି ଗୃହ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଜାତୀୟ ସଂଗୀତ ବନ୍ଦେ ମାତରମ ଉପରେ ଆଲୋଚନା ଆରମ୍ଭ କରିଛି । ଉପନିବେଶବାଦର ଯନ୍ତ୍ରଣାରୁ ମୁକ୍ତି ପାଇବା କ୍ଷେତ୍ରରେ ଏହି ଜାତୀୟ ସଂଗୀତ ଆଶାର କିରଣ ସୃଷ୍ଟି କରିଥିଲା ବୋଲି ଶ୍ରୀ ବିର୍ଲା କହିଛନ୍ତି ।

## ଲୋକସଭା ପ୍ରଭରଟି

୨୦୧୩-୧୪ରେ ଦେଶରେ ଦାରିଦ୍ର୍ୟ ହାର ୨୯ ଦଶମିକ ୧/୭ ପ୍ରତିଶତ ଥିବାବେଳେ ୨୦୨୨-୨୩ ସୁଦ୍ଧା ଏହା ୧୧ ଦଶମିକ ୨/୮ ପ୍ରତିଶତକୁ ହ୍ରାସ ପାଇଛି । ଆଜି ଲୋକସଭାରେ ପ୍ରଶ୍ନୋତ୍ତର କାଳରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ପ୍ରାୟ ୨୪ କୋଟି ୮୦ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଉଠିଛନ୍ତି । ବିଶ୍ୱବ୍ୟାଙ୍କ ରିପୋର୍ଟକୁ ଆଧାର କରି ମନ୍ତ୍ରୀ କହିଛନ୍ତି ଦେଶର ଉତ୍କଟ ଦାରିଦ୍ର୍ୟ ହାର ୨୦୧୧-୧୨ରେ ୨୭ ଦଶମିକ ୧/୨

ପ୍ରତିଶତ ଥିବାବେଳେ ୨୦୨୨-୨୩ ବେଳକୁ ଏହା ୫ ଦଶମିକ ୨/୫ ପ୍ରତିଶତକୁ ହ୍ରାସ ପାଇଛି । ଏହି ସମୟ ମଧ୍ୟରେ ଉତ୍କଟ ଦାରିଦ୍ର୍ୟ ସଂଖ୍ୟା ୩୪ ଦଶମିକ ୪ କୋଟିରୁ ୭ ଦଶମିକ ୫ କୋଟିକୁ ହ୍ରାସ ପାଇଛି ।

ମନ୍ତ୍ରୀ ଗୃହରେ ସୂଚନା ଦେଇ କହିଛନ୍ତି ଦେଶରେ ଦାରିଦ୍ର୍ୟ ସଂଖ୍ୟା ହ୍ରାସ କରିବା ନେଇ ସରକାରଙ୍କ ପକ୍ଷରୁ ଦୀର୍ଘକାଳୀନ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯାଇଛି । ଦେଶରେ ଅର୍ଥନୈତିକ ଅସମାନତା ଦୂର କରି ସାମାଜିକ ସ୍ଥିରତା ଏବଂ ଅର୍ଥନୈତିକ ଅନ୍ତର୍ଭୁକ୍ତିକରଣକୁ ସରକାର ପ୍ରାଧାନ୍ୟ ଦେଇଛନ୍ତି । ୨୦୧୮-୧୯ରେ ୧୫ ବର୍ଷରୁ ଅଧିକ ବୟସ ବର୍ଗରେ ବେକାରୀ ହାର ୫ ଦଶମିକ ୮ ପ୍ରତିଶତ ଥିବାବେଳେ ୨୦୨୩-୨୪ ସୁଦ୍ଧା ଏହା ୩ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଥିବା ସେ ଗୃହକୁ ଜଣାଇଛନ୍ତି ।

## ଶିବରାଜ-ସମିଟ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି କେନ୍ଦ୍ର ସରକାର କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ୍ ପ୍ରାପ୍ୟ ଦେବା ଉଦ୍ଦେଶ୍ୟରେ ମାର୍କେଟ ଇଣ୍ଟରଭେନସନ ଯୋଜନା ଆରମ୍ଭ କରିଛନ୍ତି । ନୂଆଦିଲ୍ଲୀରେ ଏଗ୍ରି ବିଜ୍‌ନେସ ସମ୍ମିଳନୀ ୨୦୨୫କୁ ସମ୍ବୋଧିତ କରି ଶ୍ରୀ ଚୌହ୍ୱାନ କହିଛନ୍ତି ଯଦି କୌଣସି କ୍ଷେତ୍ରରେ ଉଦ୍ୟାନ କୃଷି ଉତ୍ପାଦର ମୂଲ୍ୟ ହ୍ରାସ ପାଏ ତେବେ ସରକାର ହ୍ରାସ ପାଉଥିବା ଆର୍ଥିକ ଭରଣା

କରିବେ ଏବଂ ଏ କ୍ଷେତ୍ରରେ କୃଷକମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅର୍ଥ ପଠାଇ ଦିଆଯିବ । ଶ୍ରୀ ଚୌହ୍ୱାନ କହିଛନ୍ତି ବିଜ୍ଞାନର ବିକାଶ କ୍ଷେତ୍ରରେ କୃଷକମାନଙ୍କର ମହାନ ଅବଦାନ ରହିଛି । ଅନ୍ୟପକ୍ଷରେ କୃଷକମାନଙ୍କ ପାଇଁ ଉଚ୍ଚମାନର ଏବଂ ସଠିକ୍ ଇନ୍‌ପୁଟ ଯୋଗାଇବାର ଆବଶ୍ୟକତା ଉପରେ ମନ୍ତ୍ରୀ ଶ୍ରୀ ଚୌହ୍ୱାନ ଗୁରୁତ୍ୱାରୋପ କରିଛନ୍ତି ।

## ଲୋକସଭା କୋଶ୍ଚିନ

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଆଜି ଅଭିଯୋଗ କରିଛନ୍ତି ଯେ ପଶ୍ଚିମବଙ୍ଗ ସରକାର ସେଠାରେ ଧାର୍ମିକ ପର୍ଯ୍ୟଟନର ବିକାଶ ନେଇ କୌଣସି ପ୍ରସ୍ତାବ ଉପସ୍ଥାପନ କରିନାହାନ୍ତି । ସେ କହିଛନ୍ତି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସାଦ ଯୋଜନାରେ ବେଲୁର ମଠର ବିକାଶ ପାଇଁ ୩୧କୋଟି ଟଙ୍କା ଏବଂ କୋଷ୍ଟାଲ ସର୍କିଟ ଇନିସିଏଟିଭ ପାଇଁ ୬୮କୋଟି ଟଙ୍କା ଦିଆଯାଇଛି । ମନ୍ତ୍ରୀ କହିଛନ୍ତି ପଶ୍ଚିମବଙ୍ଗରେ ଧାର୍ମିକ ପର୍ଯ୍ୟଟନର ବିକାଶ ପାଇଁ  ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନା ସ୍ୱଦେଶ ଦର୍ଶନ ଏବଂ ପ୍ରସାଦ ଭଳି ଯୋଜନାରେ ପଶ୍ଚିମବଙ୍ଗ ସରକାର ସହଯୋଗ କରୁନାହାନ୍ତି । ଲୋକସଭାରେ ଆଜି ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି ଧାର୍ମିକ ପର୍ଯ୍ୟଟନର ବିକାଶ ରାଜ୍ୟ ବିଷୟ ହୋଇଥିବାରୁ ତାହାର ବିକାଶ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ।

ଅନ୍ୟପକ୍ଷରେ ଜାତୀୟ ତୀର୍ଥଯାତ୍ରୀ ଯୋଜନାରେ ଗଙ୍ଗାସାଗରକୁ ସାମିଲ କରିବା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି ଭାରତୀୟ ପୁରାଣ ଏବଂ ସଂସ୍କୃତିରେ ଗଙ୍ଗାସାଗରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେବେ ଏହା ରାଜ୍ୟର ଦାୟିତ୍ୱ ହୋଇଥିବାରୁ କୌଣସି ପ୍ରକଳ୍ପ ରିପୋର୍ଟ ଆସିଲେ ମନ୍ତ୍ରଣାଳୟ ବିହିତ ପଦକ୍ଷେପ ଗ୍ରହଣ କରିବ ।

ସ୍ୱଦେଶ ଦର୍ଶନ ଯୋଜନାରେ ଗ୍ରାମାଞ୍ଚଳ, ହିମାଳୟ ଅଞ୍ଚଳ, ଉପକୂଳ ଏବଂ ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀରେ ନିଯୁକ୍ତି ସୁଯୋଗ ସୃଷ୍ଟି ସହ ସାଂସ୍କୃତିକ ଐତିହ୍ୟର ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମି ବିକାଶ କରାଯାଇପାରିବ । ୨୦୧୪-୧୫ରେ ଆରମ୍ଭ ହୋଇଥିବା ପ୍ରସାଦ ଯୋଜନାରେ ବିଭିନ୍ନ ତୀର୍ଥସ୍ଥଳ ଗୁଡ଼ିକର ବିକାଶ କରାଯାଉଥିବା ମନ୍ତ୍ରୀ ଶ୍ରୀ ଶେଖାୱତ କହିଛନ୍ତି ।

## ୟୁନେସ୍କୋ - ହେରିଟେଜ୍

ନୂଆଦିଲ୍ଲୀର ଲାଲ୍‌କିଲ୍ଲାରେ ଆଜିଠାରୁ ବିରଳ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ସଂକ୍ରାନ୍ତ ଆନ୍ତଃ ସରକାରୀ କମିଟି-ଆଇ.ସି.ଏଚ୍.ର ବିଂଶତମ ଅଧିବେଶନ ଆରମ୍ଭ ହେବ । ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନ ୟୁନେସ୍କୋରେ ଅବସ୍ଥାପିତ ଭାରତର ରାଷ୍ଟ୍ରଦୂତ ଏବଂ ସ୍ଥାୟୀ ପ୍ରତିନିଧି ବିଶାଲ ଭି. ଶର୍ମା ଅଧ୍ୟକ୍ଷତା କରିବେ । ଚଳିତ ବର୍ଷ ୟୁନେସ୍କୋ ଭାରତର ବିରଳ ଐତିହ୍ୟ ତାଲିକାପାଇଁ ଆଲୋକ, ଭ୍ରାତୃତ୍ୱ, କରୁଣା ଏବଂ ସାମୂହିକ ଉତ୍ସବର ପର୍ବ ଦୀପାବଳିକୁ ମନୋନୀତ କରିଛି । କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ କହିଛନ୍ତି, ପୂର୍ବରୁ ସ୍ୱାଧୀନ ମୂଲ୍ୟାଙ୍କନ ସଂସ୍ଥାଦ୍ୱାରା ସମୀକ୍ଷା କରାଯାଇଥିବା ପ୍ରସ୍ତାବ ଉପରେ ଚଳିତ

ଅଧିବେଶନରେ ଆଲୋଚନା କରାଯିବ ଏବଂ ସରକାର ଏହାର ସକାରାତ୍ମକ ଫଳାଫଳ ନେଇ ଆଶା ରଖିଛନ୍ତି । ଛଅଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୟୁନେସ୍କୋ ଆଇ.ସି.ଏଚ୍. ତାଲିକାରେ ଲିପିବଦ୍ଧପାଇଁ ରାଜ୍ୟଗୁଡ଼ିକ ପକ୍ଷରୁ ଦାଖଲ କରାଯାଇଥିବା ନାମାଙ୍କନଗୁଡ଼ିକର ଯାଞ୍ଚ, ସ୍ଥିତି ସମୀକ୍ଷା କରିବା ଏବଂ ବିରଳ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷା ଦେବା କ୍ଷେତ୍ରରେ ଅନ୍ତର୍ଜାତୀୟ ସହାୟତା ପ୍ରଦାନ କରିବାର ଲକ୍ଷ୍ୟ ରହିଛି ।

ଅଧିବେଶନର ଉଦ୍‌ଘାଟନୀ ସମାରୋହ ଗତକାଲି ନୂଆଦିଲ୍ଲୀର ଲାଲ୍‌କିଲ୍ଲାଠାରେ ଅନୁଷ୍ଠିତ ହୋଇଥିଲା ।

# ଆର୍‌ଏସ୍-ଡିସ୍‌ପ୍ଲେସ୍‌ଡ

ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ଆଜି ରାଜ୍ୟସଭାରେ କହିଛନ୍ତି କେନ୍ଦ୍ର ସରକାର ଶିଖ ସମ୍ପ୍ରଦାୟ ସମେତ ବିଭିନ୍ନ ସଂଖ୍ୟାଲଘୁ ସଂପ୍ରଦାୟର ବିକାଶ ଲାଗି ଅନେକଗୁଡ଼ିଏ ଜନକଲ୍ୟାଣକାରୀ ଯୋଜନା ଜାରି କରିଛନ୍ତି । ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରଧାନମନ୍ତ୍ରୀ ଜନବିକାଶ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି । ଯେଉଁଥିରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଶିକ୍ଷା, ସ୍ୱାସ୍ଥ୍ୟ, କୌଶଳ ଓ ମହିଳା ସଶକ୍ତିକରଣ ଉପରେ ସ୍ୱତନ୍ତ୍ର ଭାବେ ଧ୍ୟାନ କେନ୍ଦ୍ରିତ କରାଯାଇଛି । ସେ କହିଛନ୍ତି ଏହି ଯୋଜନାରେ ୧୧ଟି ଭିତ୍ତିଭୂମି ସମ୍ବଳିତ ଯୋଜନା କାର୍ଯ୍ୟକାରୀ

କରାଯାଉଛି । ସେ ସୂଚନା ଦେଇଛନ୍ତି ଏ କ୍ଷେତ୍ରରେ ୯ଲକ୍ଷ ୟୁନିଟ୍‌ର କାର୍ଯ୍ୟ ଶେଷ ହୋଇଥିବାବେଳେ ୨୬ହଜାର ୨୩୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ସେ କହିଛନ୍ତି ପିଏମ୍ ବିକାଶ ଅଧୀନରେ ୫ଟି ପୁରୁଣା ଯୋଜନା - ଶିଖୋ ଅର୍ କମାଓ, ନଇ ମଞ୍ଜିଲ, ନଇ ରୋଶନି, ହମାରୀ ଧରୋହର ଏବଂ ଉସ୍ତାଦ ଯୋଜନା କାର୍ଯ୍ୟକାରୀ କରାଯାଇଛି । ମନ୍ତ୍ରୀ କହିଛନ୍ତି ଗତ ୧୧ ବର୍ଷରେ ଜାତୀୟ ସଂଖ୍ୟାଲଘୁ ବିକାଶ ଏବଂ ଅର୍ଥ ନିଗମ ଜରିଆରେ ସଂଖ୍ୟାଲଘୁ ହିତାଧିକାରୀମାନଙ୍କୁ ୭ହଜାର ୬୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି ।

## ଦିଲ୍ଲୀ ଏୟାରପୋର୍ଟ ଆଡଭାଇଜରୀ

ଦିଲ୍ଲୀ ବିମାନବନ୍ଦର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିମାନ ଉଡାଣ ସୁରୁଖୁରୁରେ ଚାଲିଛି । ପରିଚାଳନାଗତ ଦୃଷ୍ଟିରୁ ଅଳ୍ପ କେତୋଟି ବିମାନ ବାତିଲ କରାଯାଇଥିବା ବେଳେ ଅନ୍ୟକେତେକ ବିମାନର ଉଡାଣ ସମୟରେ ପରିବର୍ତ୍ତନ କରାଯାଇଛି । ବିମାନ ବନ୍ଦର କର୍ତ୍ତୃପକ୍ଷ ଦ୍ୱାରା ଜାରି କରାଯାଇଥିବା ପରାମର୍ଶରେ ଏହା ସୂଚନା ଦିଆଯାଇଛି ଯେ ସମସ୍ତ କର୍ମଚାରୀ ଯେଭଳି କୌଣସି ପ୍ରତିବନ୍ଧକ ସୃଷ୍ଟି ନହେବ ଓ ସୁରୁଖୁରୁରେ ବିମାନ ଉଡାଣ କରାଯାଇ ଯାତ୍ରୀମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦିଆଯିବ ସେ ନେଇ କାର୍ଯ୍ୟ କରୁଛନ୍ତି । ଯାତ୍ରୀମାନଙ୍କୁ ସେମାନେ ଟିକଟ

କରିଥିବା ବିମାନସେବା କର୍ତ୍ତୃପକ୍ଷଙ୍କ ସହ ଉଡାଣ ସମ୍ବନ୍ଧୀୟ ଠିକ୍ ତଥ୍ୟ ଲାଗି ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ବିମାନବନ୍ଦରରୁ ଏବଂ ବିମାନବନ୍ଦର ମଧ୍ୟକୁ ଯାତ୍ରୀମାନଙ୍କୁ ନେବାଆଣିବା ଲାଗି ବସ୍, କାର୍ ଏବଂ ମେଟ୍ରୋ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କ୍ରିୟାଶୀଳ କରାଯାଇଛି ।

# ହକି

ଏଫ୍ଆଇଏଚ୍ କନିଷ୍ଠ ମହିଳା ବିଶ୍ୱକପ୍ ହକି ପ୍ରତିଯୋଗିତାରେ ଭାରତୀୟ ମହିଳା ହକି ଦଳ ୩-୧ ଗୋଲ୍‌ରେ ୱେଲ୍‌ସକୁ ପରାସ୍ତ କରିଛି । ଚିଲିର ସାଣ୍ଟିଆଗୋରେ ଅନୁଷ୍ଠିତ କ୍ୱାଲିଫାୟାର ମ୍ୟାଚ୍‌ରେ ୱେଲ୍‌ସ ବିପକ୍ଷରେ ଭାରତର ହିନାବାନୋ, ସୁନେଲିତା ଟପ୍ପୋ ଏବଂ ଇସିକା ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିଲେ । ୱେଲ୍‌ସ ପକ୍ଷରୁ ଲୋଇଜେ ମୋଟ୍ ଗୋଟିଏ ଗୋଲ ସ୍କୋର କରିଥିଲେ । ପ୍ରଥମରୁ ଏହି ପ୍ରତିଯୋଗିତାରେ ଆଗରେ ରହିଥିବା ଭାରତ ଆସନ୍ତାକାଲି ଉରୁଗୁଏ ବିପକ୍ଷରେ ମ୍ୟାଚ୍ ଖେଳିବ ।